ନିତିଦିନ
NITIDIN

## ଆଇଆଇଟି ସମାବର୍ତ୍ତନ ଉତ୍ସବର ପ୍ରସ୍ତୁତି ବୈଠକ

# ଭିସି ମାଧ୍ୟମରେ ଯୋଗଦେବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

**ଜଟଣୀ,୨।୧୨/ଏନ୍‌ଏନ୍‌ଏସ୍:** ଭାରତୀୟ ପ୍ରାଦ୍ୟୋଗିକ ସଂସ୍ଥାନ (ଆଇଆଇଟି)ର ନବମ ସମାବର୍ତ୍ତନ ଉତ୍ସବ ଆସନ୍ତା ୪ତାରିଖରେ ଅରୁଗୁଲସ୍ଥିତ ସ୍ଥାୟୀ କ୍ୟାମ୍ପସଠାରେ ଆୟୋଜିତ ହେବ। ଏନେଇ ବୁଧବାର ଆଇଆଇଟି କନ୍‌ଫରେନ୍ସ ହଲଠାରେ ଏକ ପ୍ରସ୍ତୁତି ବୈଠକ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର ଭି ରାଜା କୁମାରଙ୍କ ଅଧକ୍ଷତାରେ ଆୟୋଜିତ ହୋଇଯାଇଛି। ଏଥିରେ ଉତ୍ସବ ସମ୍ପର୍କିତ ବିଭିନ୍ନ ଆଲୋଚନା ହୋଇଥିବାବେଳେ ଉତ୍ସବରେ ମୁଖ୍ୟ ଅତିଥିଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଡ. ରମେଶ ପୋଖରୀଆଲ ନିଶଙ୍କ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ ସହ ସମ୍ବର୍ଦ୍ଧିତ କରିବେ ବୋଲି ଜଣାପଡ଼ିଛି। ଭିଡିଓ କନଫରେନ୍ସି ମାଧ୍ୟମରେ ଯୋଗଦେବା ସହିତ ଡ. ନିଶଙ୍କ ଦିକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିବେ। ଏଥିସହିତ ଷ୍ଟୁଡେଣ୍ଟ ଆକ୍ଟିଭିଟି ସେଣ୍ଟର, ସ୍କୁଲ ଅଫ୍ ହ୍ୟୁମାନିଟିଜ୍, ସ୍କୁଲ ଅଫ୍ ସୋସିଆଲ ସାଇନ୍ସ ଆଣ୍ଡ ମ୍ୟାନେଜମେଣ୍ଟ ଏବଂ ଖେଳପଡ଼ିଆ ଇତ୍ୟାଦିର ଉଦ୍‌ଘାଟନ କରିବେ ବୋଲି ନିର୍ଦ୍ଦେଶକ ପ୍ରଫେସର ଶ୍ରୀ ରାଜାକୁମାର କହିଛନ୍ତି । ସେହିପରି ଏହି ସମାବର୍ତ୍ତନ ଉତ୍ସବରେ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ (ରାଜ୍ୟପାହ୍ୟା) ସଞ୍ଜୟ ଧୋତ୍ରେ ସମ୍ମାନିତ ଅତିଥିଭାବେ ଯୋଗଦେବା ସହିତ ଆଇଆଇଟି ଭୁବନେଶ୍ୱର




ବୋର୍ଡ ଅଫ ଗଭର୍ଣ୍ଣର୍ସର ଅଧକ୍ଷ ଡ. ରାଜେନ୍ଦ୍ର ପ୍ରସାଦ ସିଂହ ଅନ୍‌ଲାଇନ୍ ମାଧ୍ୟମରେ ଯୋଗଦେଇ କାର୍ଯ୍ୟକ୍ରମରେ ଅଧକ୍ଷତା କରିବାର ଯୋଜନା ରହିଛି। ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଆର୍ ଭି ରାଜାକୁମାର ରିପୋର୍ଟ ପ୍ରଦାନ କରିବା ସହିତ ଡିଗ୍ରୀଧାରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିବେ। ଏଥିରେ ୩୫ଜଣ ପିଏଚ୍‌ଡି,୧୪୧ଜଣ ଏମ୍ ଟେକ୍, ୭୦ଜଣ ଏମ୍‌ଏସ୍‌ସି ଏବଂ ୨୦୦ଜଣ ବିଟେକ୍ ସମେତ ମୋଟ ୪୪୬ଜଣ ଡିଗ୍ରୀ ପାଇବେ । ଉକ୍ତ କାର୍ଯ୍ୟକ୍ରମରେ ଡିଗ୍ରୀଧାରୀ ଛାତ୍ରଛାତ୍ରୀ, ସେମାନଙ୍କର ଅଭିଭାବକ, ଫାକଲ୍ଟି ମେମ୍ବର, ଷ୍ଟାଫ ମେମ୍ବର ଏବଂ ଇନିଷ୍ଟିଟ୍ୟୁଟର ଆଡମିନିଷ୍ଟ୍ରେସନ ସଦସ୍ୟମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମହାମାରୀ କୋଭିଡ-୧୯କୁ ଦୃଷ୍ଟିରେ ରଖି ଅଳ୍ପକିଛି ଛାତ୍ରଛାତ୍ରୀ ଆସି ଡିଗ୍ରୀ ଗ୍ରହଣ କରିବେ। ଆଉ ଅନ୍ୟମାନେ ଅନ୍‌ଲାଇନ୍ ମାଧ୍ୟମରେ ଡିଗ୍ରୀ ଗ୍ରହଣ କରିବେ। ଏହି ଅବସରରେ ପ୍ରେସିଡେଣ୍ଟ ଅଫ୍ ଇଣ୍ଡିଆ ଗୋଲ୍ଡ ମେଡାଲ୍ ପାଇଁ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଟେକ୍ ବ୍ୟାଚ୍ ଛାତ୍ର ଆଦିତ୍ୟ ପାଲ ମନୋନୀତ ହୋଇଥିବା ବେଳେ ଡାଇରେକ୍ଟର୍ସ ଅଫ ଗୋଲ୍ଡ ମେଡାଲ୍ ପାଇଁ ସ୍କୁଲ୍ ଅଫ୍ ଇନଫ୍ରାଷ୍ଟ୍ରକ୍‌ଚରର ଏମ୍‌ଟେକ ବ୍ୟାଚ ଛାତ୍ର ସଂକେତ ଦେ ଚୌଧୁରୀ ଓ ଫିଜିକ୍ସ ସ୍କୁଲ୍ ଅଫ ବେସିକ୍ ସାଇନ୍ସର ଏମ୍‌ଏସସି ବ୍ୟାଚ ଛାତ୍ର ସୌଭିକ ଚକ୍ରବର୍ତ୍ତୀ ପ୍ରଭୃତି ଡିଗ୍ରୀପାଇଁ ମନୋନୀତ ହୋଇଛନ୍ତି। ସେହିପରି ଇନିଷ୍ଟିଚ୍ୟୁଟ ରୌପ୍ୟପଦକ ପାଇଁ ଆଦିତ୍ୟ ପାଲ, ଅରବିନ୍ଦ ଟିକେଆର, ଅଭିଷେକ ମିଶ୍ର, ଅମନ ସିଙ୍ଘଲ, ମନପୁରମଜ୍ୟୋତି ଭେଙ୍କେଟସାଇ ଆଦିତ୍ୟ ଏବଂ ସୁଭାଜିତ ମଣ୍ଡଳ ପ୍ରମୁଖ ବିଟେକ୍ ଛାତ୍ରଛାତ୍ରୀ ବିବେଚିତ ହୋଇଥିବାବେଳେ ଏମ୍‌ଟେକ୍ ବ୍ୟାଚ୍‌ପାଇଁ ସଙ୍କେତ ଦେ ଚୌଧୁରୀ, ଦୁସାନେ ଆଜିଙ୍କ୍ୟା ରାଜେନ୍ଦ୍ର, ପ୍ରିୟବ୍ରତ ଦାସ, ଅନୁପ କୁମାର ଯାଦବ, ଗୌରଭ ଭଟ୍ଟାଚାର୍ଯ୍ୟ, ଖଡ଼କେଲିନା ସଞ୍ଜୟ ଏବଂ ଦେବଜିତ ରାଣା ପ୍ରମୁଖଙ୍କ ନାମ ରହିଛି। ସେହିପରି ରୌପ୍ୟପଦକ ପାଇଁ ଏମ୍‌ଏସ୍‌ସି ବ୍ୟାଚର ସୌଭିକ୍ ଚକ୍ରବର୍ତ୍ତୀ, ଅଧାୟିନା ସୁସାନ ଜେମ୍ସ, ଦେବବ୍ରତ ମଣ୍ଡଳ, ସୁଦେଷ୍ଣା ଗୋସ୍ୱାମୀ ଓ ଅର୍କପ୍ରଭା ରାୟ ପ୍ରମୁଖ ବିବେଚିତ ହୋଇଛନ୍ତି। ମହାମାରୀ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଇନଷ୍ଟିଚ୍ୟୁଟ୍ ଅଫ୍ ଆଡମିନିଷ୍ଟ୍ରେସନ ପକ୍ଷରୁ ସାମାଜିକ ଦୂରତା, ମାସ୍କ ପରିଧାନ ଏବଂ ସାନିଟାଇଜର ବାଧ୍ୟତାମୂଳକ କରାଯାଇଛି ବୋଲି ଆଜି ବୈଠକରେ ନିର୍ଦ୍ଦେଶକ ପ୍ରଫେସର ରତ୍ନମ୍ ବରଦା ରାଜା କୁମାର କହିଛନ୍ତି।